**୫୦୦ ଲୋକରୁ ଅଧିକ ହେଲେ ଦେୟ ବଢ଼ିବ ■ ବାହାଘର ଶୋଭାଯାତ୍ରା ପାଇଁ ୫ହଜାର**

# ଧାରଣା ଉପରେ ଲାଗିବ ଜିଜିୟା କର !

**ରଜତ ରଶ୍ମି ସ୍ୱାଇଁ, ଭୁବନେଶ୍ୱର,୬।୧୨:**

ରାଜଧାନୀରେ ଧାରଣା ବା ବିକ୍ଷୋଭ କଲେ ଏଣିକି ଦିନକୁ ସର୍ବନିମ୍ନ ୫୦୦ ଟଙ୍କା ଦେୟ ଦେବାକୁ ପଡ଼ିବ। ଏମିତି ନିୟମ ଆଣିଛି ବିଏମ୍‌ସି। ୧୦୦ରୁ ୫୦୦ ଲୋକଙ୍କ ପାଇଁ ୧୦୦୦ ଟଙ୍କା ଦେୟ ପଡ଼ିବ। ୫୦୦ ଲୋକରୁ ଅଧିକ ହେଲେ ଦୈନିକ ୧୦୦୦ ଟଙ୍କା ଦେୟ ସହ ମୁଣ୍ଡପିଛା ଅତିରିକ୍ତ ୫ ଟଙ୍କା ହିସାବରେ ଦେୟ ଦେବାକୁ ହେବ। ସେହିପରି ବାହାଘର ଶୋଭାଯାତ୍ରା ପାଇଁ ୫ହଜାର ଟଙ୍କା ଦେୟ ପଡ଼ିବ ବୋଲି ବିଏମ୍‌ସି ନୂଆ ନିୟମ ଆଣିଛି। ଖୁବ୍‌ଶୀଘ୍ର ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ବିଏମ୍‌ସି ତରଫରୁ କୁହାଯାଇଛି। ଧାରଣା ତଥା ବିକ୍ଷୋଭ ପ୍ରଦର୍ଶନ ଏବଂ ସାଧାରଣ ସଭା କରିବାକୁ ହେଲେ କମିଶନ୍‌ରେଟ୍ ପୁଲିସ୍ ଠାରୁ ଅନୁମତି ଆଣିବା ପୂର୍ବରୁ ଏଣିକି ବିଏମ୍‌ସିଠାରୁ ଅନୁମତି ନେବାକୁ ପଡ଼ିବ। ଏନେଇ ଆଜି ବିଧିବଦ୍ଧ ଘୋଷଣା କରାଯାଇଛି। ଧାରଣା ପାଇଁ ଅନୁମତି ନେବା ବେଳେ ବିଏମ୍‌ସିରେ ସମ୍ପୃକ୍ତ ସଂଗଠନ ପକ୍ଷରୁ ଏକ ଅଣ୍ଡରଟେକିଂ ଦେବାକୁ ପଡ଼ିବ। ବିଏମ୍‌ସି ପକ୍ଷରୁ ପୁଲିସ୍ ବିଭାଗକୁ ଏନେଇ ଅବଗତ କରାଯିବ। ଯାହାଦ୍ୱାରା ଯେକୌଣସି ଅନୁମତି ପ୍ରଦାନ କରିବା ପୂର୍ବରୁ ବିଏମ୍‌ସିକୁ ଦେୟ ପ୍ରଦାନ କରିବା ନିଶ୍ଚିତ ହୋଇପାରିବ। ସେହିପରି ଧାରଣା ଦେଉଥିବା ବ୍ୟକ୍ତି ବା ସଂସ୍ଥା ଗୁଡ଼ିକ ସଂପୃକ୍ତ ସ୍ଥାନରେ ପରିସ୍ରା କରିବା, ମଳତ୍ୟାଗ କରିବା ଅଥବା ଅନ୍ୟ କୌଣସି ଦୂଷିତ କାର୍ଯ୍ୟକଳାପ ଯାହା ସହରର ପରିବେଶକୁ ନଷ୍ଟ କରୁଥିବ ସେଭଳି କାର୍ଯ୍ୟ କରିବେ ନାହିଁ ବୋଲି ଘୋଷଣାପତ୍ରରେ ଉଲ୍ଲେଖ କରିବେ।

ରାଜଧାନୀର ବିଭିନ୍ନ ସ୍ଥାନରେ ବାହାଘର ଶୋଭାଯାତ୍ରା ସମୟରେ ଶତାଧିକ ଲୋକ ଅଂଶଗ୍ରହଣ କରୁଥିବା ବେଳେ ଏଥିଯୋଗୁ ପରିବେଶ ପ୍ରଦୂଷଣ ହେଉଛି। ଏହିସବୁ ଅଞ୍ଚଳରେ ରାସ୍ତାଜାମ୍ ହୋଇ ଯାତାୟାତରେ ବାଧା ଉପୁଜୁଛି। ବାହାଘର ଶୋଭାଯାତ୍ରା ପାଇଁ ଏଣିକି ବିଏମ୍‌ସିଠାରୁ ଅନୁମତି ଆଣିବା ସହ ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ୫ହଜାର ଟଙ୍କା ଶୁଳ୍କ ଦେବାକୁ ପଡ଼ିବ। ବିଭିନ୍ନ କାର୍ଯ୍ୟକ୍ରମର ଅନୁମତି ପାଇଁ ଲୋକେ ନିଜ ଅଞ୍ଚଳର ଜୋନ୍ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ପରିମାଣ ଦେଇ ରସିଦ ସଂଗ୍ରହ କରି ପାରିବେ। ରସିଦ ସଂଗ୍ରହ କରିବା ପରେ ହିଁ କମିଶନରେଟ୍ ପୁଲିସ୍ ତରଫରୁ ଅନୁମତି ମିଳିବ।

ସୂଚନାଯୋଗ୍ୟ, ଧାରଣା, ବିକ୍ଷୋଭ ଓ ସାଧାରଣ ସଭା ଭଳି କାର୍ଯ୍ୟ ପରେ ସମ୍ପୃକ୍ତ ଅଞ୍ଚଳରେ ପରିମଳ ପ୍ରଭାବିତ ହେଉଥିବା ନେଇ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଚଳିତ ବର୍ଷ ଅଗଷ୍ଟ ୫ରେ ଅନୁଷ୍ଠିତ ହୋଇଥିଲା।

▶▶ ୭